## ଖାସ୍ ଖବର

# ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଲଟିଛି ପଶୁ ପ୍ରସବ କେନ୍ଦ୍ର








**ବରୀ : ଏକ୍ସପ୍ରେସ୍ ନ୍ୟୁଜ୍**

ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଦୁରାବସ୍ଥା ଉପରେ ସରକାରଙ୍କ ଦୃଷ୍ଟି ନପଡିବା ଘଟଣା ସାଧାରଣରେ ଆଲୋଚନା ର ବିଷୟ ହୋଇଛି । ଆଜି ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ । ସ୍ୱାସ୍ଥ୍ୟ କେନ୍ଦ୍ରର ଅ'ଃର୍ବିଭାଗ ପ୍ରସୂତୀ ବିଭାଗ ନିକଟରେ ଏକ କୁକୁର ପ୍ରସବ କରିବା ଓ ଏହି ବିଭାଗରେ ପ୍ରସୂତୀ ମାନେ ଚିକିତ୍ସିତ ହେଉଥିବା ବେଳେ ଦାୟୀତ୍ୱରେ ଥିବା କର୍ମଚାରୀ ମାନଙ୍କ ନଜର ନପଡିବା ଘଟଣା ସ୍ୱାସ୍ଥ୍ୟ ବିଭାଗର ପାରିବା ପଣିଆକୁ ପଦାରେ ପକାଇ ଦେଇଛି । ସୂଚନା ଯୋଗ୍ୟ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବରୀ ବ୍ଲକର ୨୯ ଗୋଟି ପଂଚାୟତ ମଧ୍ୟରୁ ୨୫ ଗୋଟି ପଂଚାୟତର ଜନସାଧାରଣ ନିର୍ଭର କରୁଥିବା ବେଳେ ସ୍ଥାୟୀ ଡାକ୍ତର ନଥିବା ଯୋଗୁଁ ଏହିଭଳି ଅବସ୍ଥା ଲାଗି ରହୁଛି । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଥିବା ଆମ୍ବୁଲାନ୍ସ ଟି ଅଚଳ ଅବସ୍ଥାରେ ଥିବା ବେଳେ ଜେନେଟର ମଧ ଅଚଳ ଅବସ୍ଥାରେ ରହିଛି । ବିଦ୍ୟୁତ କାଟ ହେଲେ ରୋଗୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳିଛି । ସମସ୍ୟାର ସମାଧାନ ନିମେ' ବାରମ୍ବାର ସ୍ଥାନୀୟ ଅଧିବାସୀ ମାନେ ଜିଲ୍ଲାପାଳ , ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳୁନାହିଁ ଏବଂ ଏହି ମର୍ମରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦାୟୀତ୍ୱରେ ଥିବା ଡାକ୍ତର ହିମାଂଶୁ ଶେଖର ନାଥଙ୍କୁ ଯୋଗାଯୋଗ ସମ୍ଭ ବ ହୋଇପାରି ନାହିଁ ।

# ଗ୍ରାମ୍ୟ ରାସ୍ତା ମରାମତି ପାଇଁ ଦାବି

**ଧର୍ମଶାଳା : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲା ବରୀ ବ୍ଲକ ଅଲିପୁର ପଂଚାୟତର ଖଦି ମଣ୍ଡଳ ଠାରୁ ଗ୍ରାମ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ବ୍ଲକ ଆସିବା ଲାଗି ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ସମସ୍ତ ସ୍କୁଲ, କଲେଜ, ମେଡ଼ିକାଲ ଯିବାର ମଧ ମୁଖ୍ୟ ରାସ୍ତାରେ ବିରାଟ ଖାଲ ସହ ରାସ୍ତା ଦୂରାବସ୍ଥା ହୋଇଛି । ପ୍ରତିଦିନ ଦୁଇ ଚକିଆ ଓ ଚାରି ଚକିଆ ଗାଡ଼ି ଯାତାୟାତ କରିଥାଏ । ବର୍ଷା ଦିନରେ ଖାଲରେ ପାଣି ଜମି ରହୁଥିବାରୁ ବାଇକ୍ ଆରୋହୀ ଜାଣି ନପାରି ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳିଛି । ପ୍ରମୁଖ ରାସ୍ତାଟି ମରାମତି କରାଯାଉନଥିବାରୁ ଲୋକମାନେ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି । ରାସ୍ତା ମରାମତି ପାଇଁ ବିଭାଗ ନିକଟରେ ଦାବି କରୁଥିଲେ ମଧ ଏଥିପ୍ରତି କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି । ଦୁର୍ଗା ପୂଜା ସମୟରେ ରାସ୍ତା ମରାମତି କରିବା ପାଇଁ ନିର୍ଦ୍ଦେଶ ଥିଲେ ମଧ ରାସ୍ତା ମରାମତି କରାଯାଇନଥିବା ଦେଖିବାକୁ ମିଳିଛି । ଗତ ସାମୁଦ୍ରିକ ଝଡ଼ ତିତଲି ପ୍ରଭାବରେ ରାସ୍ତାଟି ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡ଼ିଛି । ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ପାଣି ଜମି ରହିବା ସହ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି । ତୁରନ୍ତ ରାସ୍ତାଟିକୁ ମରାମତି କରିବା ପାଇଁ ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି ।

# ଚଣ୍ଡିଖୋଲରେ ଶାରଦୀୟ ଦୂର୍ଗାପୂଜା ଆରମ୍ଭ

**ଯାଜପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲା ଚଣ୍ଡିଖୋଲ ଠାରେ ଶାରଦୀୟ ଦୂର୍ଗାପୂଜା ଆରମ୍ଭ ହୋଇଯାଇଛି । ଏହି ପୂଜା ମଣ୍ଡପରେ ମା ୬୦ ବର୍ଷ ଧରି ପୂଜା ପାଉଥିବା ବେଳେ ଆଜି ଏହି ପୂଜା ନିମନ୍ତେ ବ୍ୟାପକ ପ୍ରସ୍ତୁତି ଚଳାଇ ସମସ୍ତ କର୍ମକର୍ତା ବାଜା ବାଣ ଓ ସଂକୀର୍ତନ ଶୋଭାଯୋତ୍ରାରେ ଆସି ନଦୀରୁ କଳସ ବୁଡାଇଥିଲେ । ଏଥିରେ କର୍ତା ଭାବେ ତୈଲେକ୍ୟ ନାୟକ କଳସ ବୁଡାଇଥିବା ବେଳେ ବିଦ୍ୱାନ ବ୍ରାହ୍ମଣମାନେ ମାଙ୍କୁ ପୂଜାର୍ଚ୍ଚନା କରି ଘଟ ପୂଜା କରି ପୂଜାମଣ୍ଡପରେ ସ୍ଥାପନା କରିଥିଲେ । ପୂଜା ମଣ୍ଡପକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିବା ବେଳେ ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ ହେବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି ।



ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୬-୧୦-୨୦୧୮ ମଙ୍ଗଳବାର

# ଅଟୋ ଧକ୍କାରେ ଦୁଇ ଗୁରୁତର

**କୋରାଇ : ଏକ୍ସପ୍ରେସ୍ ନ୍ୟୁଜ୍**

ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି- ଯାଜପୁର ରୋଡ ରାସ୍ତାର ରାଇସମିଲ ନିକଟସ୍ଥ ପେଟ୍ରୋଲପମ୍ପ ନିକଟରେ ଆଜି ମଧ୍ୟାହ୍ନରେ ଯାଜପୁରରୋଡ ଆଡୁ ଆସୁଥିବା ଏକ ଅଟୋ(ଓଡି୦୪ଜି୮୬୦୪) ସହ ପେଟ୍ରୋଲ ପମ୍ପରୁ ବାହାରୁଥିବା ଅନ୍ୟ ଏକ ଅଟୋ (ଓଡି୦୪ଡି ୩୬୦୩) ସହ ଧକ୍କା ହେବା ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି । ଯାଜପୁରରୋଡରୁ ଆସୁଥିବା ଅଟୋରେ ଥିବା ଦୁଇଜଣ ଯାଜପୁରରୋଡ ବିଣାପାଣି ସାହିର ସନ୍ତୋଷ ନାୟକ(୪୨) ଓ କୁଆଖିଆ ଥାନା ଜୟପୁରର ସଂଜୟ ନାୟକ(୩୦) ଗୁରୁତର ଭାବେ ଆହତ ହୋଇଛନ୍ତି । ଦୁର୍ଘଟଣା ଘଟାଇ ଅଟୋଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଘଟଣାସ୍ଥଳେ ପୁଲିସ ପହଂଚି ଆହତ ଦ୍ୱୟଙ୍କୁ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟକୁ ପଠାଇବା ସହ ଅଟୋ ଦୁଇଟିକୁ ଜବତ କରିଛି ।

## AFFIDAVIT

By virtue of an affidavit before the Notary Public, Chatrapr, Ganjam, Odisha on dtd.9.10.2018 I have changed my name from Sailoja Sahu, to Sailaja Sahu. Henceforth I shall be known as Sailaja Sahu for all purposes.

Sailaja Sahu

# ମା ସମଲେଶ୍ୱରୀଙ୍କ କାଳରାତ୍ରୀ ବେଶ

**ବଲାଙ୍ଗିର : ଏକ୍ସପ୍ରେସ୍ ନ୍ୟୁଜ୍**

ନବରାତ୍ରର ଆଜି ସପ୍ତମ ଦିବସରେ ବଲାଙ୍ଗିର ସହରର ଇଷ୍ଟଦେବୀ ମା ସମଲେଶ୍ୱରୀ ଭକ୍ତଙ୍କୁ କାଳରାତ୍ରୀ ବେଶରେ ଦର୍ଶନ ଦେଉଛନ୍ତି । ବିଶେଷ କରି ରାଶି, ନକ୍ଷତ୍ର ଓ ତିଥି ହିସାବରେ ଗଣନା କରାଯାଇ ମା ଙ୍କର ଏହି ବେଶ କରାଯାଇଥାଏ । ଏହା ମାଙ୍କର ଅତି ଭୟଙ୍କର ବେଶ । ଦେବୀଙ୍କର ଏହି ବେଶ ଭକ୍ତଙ୍କୁ ଜ୍ଞାନ ଓ ବୈରାଗ୍ୟ ପ୍ରଦାନ କରିଥାଏ । କାଳ ରାତ୍ରୀ ବେଶରେ ମା' ଙ୍କର ମୁହଁର ରଙ୍ଗ କଳା ଓ ଅତି ଭୟଙ୍କର ହୋଇଥାଏ । ତାଙ୍କ ବସ୍ତ୍ର, ଅଳଙ୍କାର, ସିଙ୍ଗାର ମଧ କଳା ରଙ୍ଗର ହୋଇଥାଏ । ମାଙ୍କୁ କଳାରଙ୍ଗର ପୁଷ୍ପମାଳରେ ସଜ୍ଜିତ କରାଯାଇଥାଏ । ଏହି ବେଶରେ ମା' ଗଧ ଉପରେ ଆସୀନ ଓ ହାତରେ ଖଣ୍ଡା ଧାରଣ କରିଥାନ୍ତି । ମା ଙ୍କର ଏହି ଦୁର୍ଲ୍ଲଭ ବେଶ ଦର୍ଶନ କଲେ ଭକ୍ତ ମାନଙ୍କୁ ଦୁଃଖ, କଷ୍ଟ, କ୍ଲେଶ, ଶୋକ ପ୍ରଦାନ କରୁଥିବା ଦୁଷ୍ଟ ଶକ୍ତି ପଳାୟନ କରିଥାଏ । ଆଜିର ଦିନରେ ନିଷ୍ଠାର ସହିତ ମା' ଙ୍କର ପୂଜାର୍ଚ୍ଚନା କଲେ ଭକ୍ତର ସମସ୍ତ ମନବାଞ୍ଛା ପୂରଣ ହେବା ସହିତ ସିଦ୍ଧି ପ୍ରାପ୍ତି ହୋଇଥାଏ ବୋଲି ଧାର୍ମିକ ବିଶ୍ୱାସ ରହିଛି । ମା ଙ୍କର ଏହି ମନୋରମ ବେଶ ଦର୍ଶନ କରିବା ନିମନ୍ତେ ବଲାଙ୍ଗିର ସହରବାସୀଙ୍କ ସହିତ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

# ତୈଳ ଓ ଗ୍ୟାସ କ୍ଷେତ୍ର ବିଶେଷଜ୍ଞ, ସିଇଓମାନଙ୍କ ସହ ମୋଦୀଙ୍କ ଆଲୋଚନା

**ନୂଆଦିଲ୍ଲୀ : ପିଆଇବି**

ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱ ତୈଳ ଏବଂ ବାଷ୍ପ କ୍ଷେତ୍ରର ବିଶେଷଜ୍ଞ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ମାନଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ।



ଏହି ଅବସରରେ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଅମୀରତନ୍ତ୍ର (ୟୁଏଇ)ର ମନ୍ତ୍ରୀମାନଙ୍କ ସହିତ ବିଭିନ୍ନ ସଂଗଠନ ଯଥା ସାଉଦି ଆରାମକୋ, ଏଡନାକ, ବିପି, ରୋସନେଫ୍ଟ, ଆଇଏଚଏସ ମାର୍କେଟ, ପାୟୋନିୟର ନେଚୁରାଲ ରିସୋର୍ସେସ କମ୍ପାନୀ, ଏମରସନ ଇଲେକଟ୍ରୋନିକ କମ୍ପାନୀ, ଟେଲୁରିୟନ, ମୁବାଦାଲା ଇନଭେଷ୍ଟମେଂଟ କମ୍ପାନୀ, ଶ୍ଲମବର୍ଗର ଲିମିଟେଡ, ଉଡ ମ୍ୟାକେି, ବିଶ୍ୱ ବ୍ୟାଙ୍କ, ଅନ୍ତର୍ଜାତୀୟ ଇନ୍ଧନ ସଂସ୍ଥା (ଆଇଇଏ), ଏନଆଇପିଏଫପି ଏବଂ ବ୍ରୁକିଙ୍ଗସ ଇଣ୍ଡିଆର ସିଇଓ ଏବଂ ବିଶେଷଜ୍ଞମାନେ ମଧ୍ୟ ସାମିଲ ଥିଲେ। ଏଥିସହିତ ତୈଳ ଏବଂ ବାଷ୍ପ ସନ୍ଧାନ, ଉତ୍ପାଦନ ଏବଂ ବିପଣନ ସହ ଜଡ଼ିତ ଭାରତୀୟ କମ୍ପାନୀଗୁଡ଼ିକର ସିଇଓ ମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। କେନ୍ଦ୍ର ମନ୍ତ୍ରୀ ଶ୍ରୀ ଅରୁଣ ଜେଟଲୀ, ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ନୀତି ଆୟୋଗର ଉପାଧ୍ୟକ୍ଷ ଡ. ରାଜୀବ କୁମାରଙ୍କ ବ୍ୟତୀତ କେନ୍ଦ୍ର ସରକାର ଏବଂ ନୀତି ଆୟୋଗର ବହୁ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

ଆଲୋଚନା କାଳରେ ଅ'ର୍ଜାତୀୟ ବିଶେଷଜ୍ଞ ଏବଂ ସିଇଓ ମାନେ 'ବ୍ୟବସାୟିକ ସୁଗମତା', ବିଶେଷ କରି ଭାରତର ଇନ୍ଧନ କ୍ଷେତ୍ରରେ ସୁଧାର ଲାଗି କେନ୍ଦ୍ର ସରକାରଙ୍କ ଦ୍ୱାରା ଗତ ଚାରି ବର୍ଷ ମଧ୍ୟରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ପ୍ରଶଂସା କରିଥିଲେ। ବିଶେଷଜ୍ଞମାନେ ଅପଷ୍ଟ୍ରିମ ନିବେଶ ଦୃଷ୍ଟିରୁ ଭାରତର ପ୍ରତିଦ୍ୱନ୍ଦ୍ୱିତା ସୂଚକାଙ୍କରେ ସୁଧାର ବିଷୟରେ ଉଲ୍ଲେଖ କରିଥିଲେ। ଭାରତର ଏହି ମାନ୍ୟତାରେ ବର୍ତମାନ ସୁଧାର ଦେଖାଦେଇ ୫୬ରୁ ୪୪ତମ ସ୍ଥାନରେ ପହଁଚିଛି। ଏହି ଅବସରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏଥିମଧ୍ୟରେ ଭାରତରେ ତୈଳ ଏବଂ ବାଷ୍ପ କ୍ଷେତ୍ର ସହ ଜଡ଼ିତ ମୌଳିକ ଭିତିଭୂମିର ସମ୍ପ୍ରସାରଣ, ସନ୍ଧାନ ଏବଂ ଉତ୍ପାଦନର ପରିଧି ବୃଦ୍ଧି କରିବା, ସୌର ଇନ୍ଧନ ଏବଂ ଜୈବ ଇନ୍ଧନର ସମ୍ଭାବନା ଖୋଜିବା ଏବଂ ଇନ୍ଧନ କ୍ଷେତ୍ର ଲାଗି କେନ୍ଦ୍ର ସରକାରଙ୍କ ସାମଗ୍ରୀକ ଅବଧାରଣା ସାମିଲ ଥିଲା। ବିଶେଷଜ୍ଞମାନେ ଏହିପରି ଆଲୋଚନା କରିବାର ଅଭିନବ ପଦକ୍ଷେପକୁ ପ୍ରଶଂସା କରିଥିଲେ, କାରଣ ଏହାଦ୍ୱାରା ବିଭିନ୍ନ ଅଂଶୀଦାରମାନଙ୍କୁ ନୀତିଗତ ପ୍ରସଙ୍ଗ ଉପରେ ଏକଜୁଟ ହେବାର ସୁଯୋଗ ମିଳିଥିଲା।

ଇନ୍ଧନ କ୍ଷେତ୍ରରେ ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କ ସହିତ ଆଲୋଚନା କାଳରେ ପ୍ରଧାନମନ୍ତ୍ର ତୈଳ ଏବଂ ବାଷ୍ପ ବଜାରରେ ଭାରତର ଗୁରୁତ୍ୱପୂର୍ଣ୍ଣ ସ୍ଥିତି ଉପରେ ଆଲୋକପାତ କରିଥିଲେ। ସେ ଏହି ପ୍ରସଙ୍ଗ ଉପରେ ମଧ ରେଖାପାତ କରିଥିଲେ ଯେ ତୈଳ ବଜାରର ପରିଚାଳନା ଉତ୍ପାଦକମାନଙ୍କ ଦ୍ୱାରା କରାଯାଉଛି ଏବଂ ଏହାର ପରିମାଣ ଏବଂ ମୂଲ୍ୟ ଉଭୟର ନିର୍ଦ୍ଧାରଣ ମଧ ତୈଳ ଉତ୍ପାଦକ ରାଷ୍ଟ୍ରଗୁଡ଼ିକ କରୁଛନ୍ତି। ସେ କହିଥିଲେ ଯେ ପର୍ଯ୍ୟାପ୍ତ ପରିମାଣର ଉତ୍ପାଦନ ସତ୍ତ୍ୱେ ତୈଳ କ୍ଷେତ୍ରରେ ବିପଣନ ଲାଗି ଭିନ୍ନ ଭିନ୍ନ ପଦ୍ଧତି ଅବଲମ୍ବନ କରାଯିବା ଯୋଗୁ ତୈଳ ମୂଲ୍ୟ ବଢୁଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଅନ୍ୟ ବଜାର ଆଧାରରେ ତୈଳ ବଜାରରେ ମଧ ଉତ୍ପାଦକ ଏବଂ ଉପଭୋକ୍ତାମାନଙ୍କ ମଧ୍ୟରେ ଭାଗୀଦାରୀ ସୁନିଶ୍ଚିତ କରିବା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଏହାଦ୍ୱାରା ଉନ୍ନତି ଦିଗରେ ଅଗ୍ରସର ବିଶ୍ୱ ଅର୍ଥବ୍ୟବସ୍ଥାରେ ସ୍ଥିରତା ଆସିବ। ଭାରତ ପାଇଁ ପ୍ରାସଙ୍ଗିକ ଥିବା କେତେକ ଗୁରୁତ୍ୱପୂର୍ଣ୍ଣ ନୀତିଗତ ପ୍ରସଙ୍ଗ ଦିଗରେ ଶ୍ରୀ ମୋଦୀ ବିଶେଷଜ୍ଞମାନଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ପ୍ରଥମତଃ ପ୍ରଧାନମନ୍ତ୍ରୀ ଏଥିପ୍ରତି ମଧ୍ୟ ଆଲୋକପାତ କରିଥିଲେ ଯେ ଅଶୋଧିତ ତୈଳର ବୃଦ୍ଧି ପାଉଥିବା ମୂଲ୍ୟ କାରଣରୁ ଉପଭୋକ୍ତା ରାଷ୍ଟ୍ରଗୁଡ଼ିକୁ ସମ୍ବଳର ବିପୁଳ ବ୍ୟୟ ସହିତ ଅନ୍ୟ ଆର୍ଥିକ ଆହ୍ୱାନର ମଧ୍ୟ ସମ୍ମୁଖୀନ ହେବାକୁ ପଡୁଛି। ସେ କହିଥିଲେ ଯେ ଏହି ଶୂନ୍ୟତାକୁ ପୂରଣ କରିବା ଲାଗି ତୈଳ ଉତ୍ପାଦକ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗ ଅତ୍ୟ' ଜରୁରୀ ଅଟେ। ସେ ତୈଳ ଉତ୍ପାଦକ ଦେଶଗୁଡ଼ିକଠାରୁ ନିଜ ନିବେଶ ଯୋଗ୍ୟ ବଳକା ରାଶିକୁ ବିକାଶଶୀଳ ଦେଶର ତୈଳ କ୍ଷେତ୍ରରେ ବାଣିଜ୍ୟିକ ଅନୁସନ୍ଧାନରେ ଲଗାଇବା ପାଇଁ ଅନୁରୋଧ କରିଥିଲେ। ଦ୍ୱିତୀୟତଃ ସେ ତୈଳ ଖନନ ଏବଂ ସନ୍ଧାନ କ୍ଷେତ୍ରର ପରିଧି ବଢ଼ାଇବା ଲାଗି ଅନୁରୋଧ କରିଥିଲେ ଏବଂ ଏଥିସହିତ ବିକଶିତ ରାଷ୍ଟ୍ରଗୁଡ଼ିକଠାରୁ ପ୍ରଯୁକ୍ତି ଏବଂ ବିସ୍ତାର ଉଭୟ କ୍ଷେତ୍ରରେ ସହଯୋଗ ପାଇଁ ଆହ୍ୱାନ କରିଥିଲେ। ତୃତୀୟତଃ ପ୍ରଧାନମନ୍ତ୍ରୀ ବାଷ୍ପ ବିତରଣରେ ଘରୋଇ କ୍ଷେତ୍ରର ଭାଗୀଦାରୀ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ପ୍ରଯୁକ୍ତିର ମଧ ଉଲ୍ଲେଖ କରି ସେହି କ୍ଷେତ୍ରରେ ସହାୟତା ଦେବା ଲାଗି ଅନୁରୋଧ କରିଥିଲେ ଯେଉଁଠି ଅଧିକ ଚାପ ଏବଂ ଉଚ୍ଚ ତାପମାତ୍ରା ସହ ଜଡ଼ିତ କୌଶଳ ପ୍ରୟୋଗକୁ ପ୍ରାକୃତିକ ବାଷ୍ପର ବାଣିଜ୍ୟିକ ଉତୋଳନ ଲାଗି ପ୍ରାସଙ୍ଗିକ ବୋଲି ବିବେଚନା କରାଯାଉଛି। ଶେଷରେ ପ୍ରଧାନମନ୍ତ୍ରୀ ପରିଶୋଧ ସର୍ତର ସମୀକ୍ଷା କରିବା ଲାଗି ଅନୁରୋଧ କରିଥିଲେ ଯଦ୍ୱାରା ସ୍ଥାନୀୟ ମୁଦ୍ରାକୁ ଅସ୍ଥାୟୀ ଆଶ୍ୱସ୍ତି ମିଳିପାରିବ। ପ୍ରଧାନମନ୍ତ୍ରୀ ଏହି କ୍ଷେତ୍ରରେ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ନୀତିଗତ ପଦକ୍ଷେପ ଏବଂ ବିକାଶ ସମ୍ବନ୍ଧୀୟ ବିଭିନ୍ନ ଉପାୟ ବିଷୟରେ ଉଲ୍ଲେଖ କରିଥିଲେ। ସେ ବାଷ୍ପର ମୂଲ୍ୟ ନିର୍ଦ୍ଧାରଣ ଏବଂ ବିପଣନରେ ଉଦରୀକରଣ ଉପରେ ଆଲୋକପାତ କରିଥିଲେ କାରଣ ବିଶେଷ କରି ଏହି ଦିଗରେ ଗୁରୁତର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ଏବଂ ଏଥିପାଇଁ ଉଚ୍ଚ ଚାପ ଏବଂ ଉଚ୍ଚ ତାପମାତ୍ରାରେ ଉତୋଳନ ସହ ଜଡ଼ିତ ପ୍ରଯୁକ୍ତିର ଆବଶ୍ୟକତା ପଡୁଛି। ସେ ମୁକ୍ତ କ୍ଷେତ୍ରଫଳ ଲାଇସେନ୍ସିଂ ନୀତି, କୋଲ ବେଡ ମିଥେନର ଶୀଘ୍ର ବ୍ୟବସାୟକରଣ କରିବା, କ୍ଷୁଦ୍ର କ୍ଷେତ୍ରରେ ସନ୍ଧାନ ଲାଗି ପ୍ରୋତ୍ସାହନ ଏବଂ ଜାତୀୟ ସ୍ତରରେ ଭୂକମ୍ପ ସର୍ବେକ୍ଷଣ କରାଯିବା ବିଷୟରେ ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀ ବର୍ତମାନ ଜାରି ରହିଥିବା ବାଣିଜ୍ୟିକ ଉତୋଳନ ଏବଂ ଉପଯୋଗ ଉପରେ ଆଲୋଚନା କରିବା ସହିତ ବିଶେଷକରି ଉତ୍ପାଦନ ଭାଗୀଦାରୀ ଚୁକ୍ତିର ସମ୍ପ୍ରସାରଣ କରାଯିବା ବିଷୟରେ ମଧ ଉଲ୍ଲେଖ କରିଥିଲେ।

## ବିଜ୍ଞାପନ

## ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ପାଇଁ ଆର୍ଥିକ ଅନୁଦାନ ନିମନ୍ତେ ଦରଖାସ୍ତ

୨୦୧୮–୧୯ ଆର୍ଥିକ ବର୍ଷ ପାଇଁ ଭାଗବତ ଟୁଙ୍ଗୀ/ଭାଗବତଗାଦି ଇତ୍ୟାଦିର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥିନିମନ୍ତେ ଯେଉଁ ଗ୍ରାମ/ସାହିରେ ପ୍ରାଚୀନ ଭାଗବତ ଟୁଙ୍ଗୀ/ଭାଗବତଗାଦି/କୋଠଘର/ଯାଗାଘର ଇତ୍ୟାଦି ରହିଥିବ ଏବଂ ସଂପୃକ୍ତ ଅନୁଷ୍ଠାନ ଦୈନନ୍ଦିନ ଭାଗବତ ପଠନ ଓ ଆନୁସଙ୍ଗିକ ପୂଜାର୍ଚ୍ଚନା ନିୟମିତ ଭାବେ କରାଯାଉଥିବ ସେମାନେ ଦରଖାସ୍ତ କରିବାକୁ ଯୋଗ୍ୟ ବିବେଚିତ ହେବେ । **ଆଗ୍ରାହୀ ଅନୁଷ୍ଠାନମାନେ ନିମ୍ନରେ ଦିଆଯାଇଥିବା ନମୁନା ଫର୍ମ ମୁତାବକ ସଠିକ୍ ଭାବେ ପୂରଣ କରି ସମ୍ପୃକ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ (District Culture Officer)ଙ୍କ କାର୍ଯ୍ୟାଳୟରେ ତା ୨୦.୧୦.୨୦୧୮ ରିଖ ଠାରୁ ତା ୨୦.୧୧.୨୦୧୮ରିଖ ମଧ୍ୟରେ ଦାଖଲ କରିବା ଆବଶ୍ୟକ ।** ନିର୍ଦ୍ଧାରିତ ତାରିଖ ମଧ୍ୟରେ ମିଳିଥିବା ସମସ୍ତ ଆବେଦନପତ୍ରଗୁଡ଼ିକୁ ରାଜ୍ୟ ସରକାରଙ୍କ ଓଡ଼ିଆ ଗାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଣୀତ ନିୟମ ଅନୁଯାୟୀ ସମ୍ପୃକ୍ତ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଗଠିତ କମିଟି ମାଧ୍ୟମରେ ବିଚାର କରାଯାଇ ଯୋଗ୍ୟ ବିବେଚିତ ଭାଗବତ ଟୁଙ୍ଗୀ/ ଭାଗବତଗାଦି/କୋଠଘର/ଯାଗାଘରଗୁଡ଼ିକ ସପକ୍ଷରେ ଆର୍ଥିକ ସହାୟତା ମଞ୍ଜୁର କରାଯିବାକୁ ପଦକ୍ଷେପ ନିଆଯିବ । ନିର୍ଦ୍ଧାରିତ ସମୟସୀମା ପରେ ଦାଖଲ ହୋଇଥିବା କିମ୍ବା ଅସମ୍ପୂର୍ଣ୍ଣ ଆବେଦନପତ୍ରଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ ।

ଉପରୋକ୍ତ ବିଜ୍ଞାପନ, ଆବେଦନ ପତ୍ରର ନମୁନା ଓ ଅନ୍ୟାନ୍ୟ ତଥ୍ୟ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବ୍‌ସାଇଟ୍ : (www.orissaculture.gov.in) ରେ ମଧ ଉପଲବ୍ଧ ।

**ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ,**
**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ,**
**ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର-୭୫୧୦୧୪**

## ତହସିଲଦାରଙ୍କ କାର୍ଯ୍ୟାଳୟ, କଣିହାଁ

ବିଜ୍ଞାପନ ସଂଖ୍ୟା - ୫୧୦୭ ତା: ୧୫.୧୦.୨୦୧୮

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଅନୁଗୋଳ ଜିଲ୍ଲା ଅଧୀନସ୍ଥ କଣିହାଁ ତହସିଲରେ ବକେୟା ଥିବା ଖଣିଜଉତ୍ସଗୁଡ଼ିକୁ ୨୦୧୮–୧୯ ବର୍ଷ ଠାରୁ ଲିଜ୍ ଆକାରରେ ବନ୍ଦୋବସ୍ତ ନିମିତ୍ତ ଦରଖାସ୍ତ ଗ୍ରହଣ କରାଯାଉଅଛି । ଦରଖାସ୍ତ ଗ୍ରହଣର ଶେଷ ତାରିଖ (୧ମ ପର୍ଯ୍ୟାୟ : ତା, ୩୦.୧୦. ୨୦୧୮, ୨ୟ ପର୍ଯ୍ୟାୟ : ତା ୦୬.୧୧.୨୦୧୮ ଏବଂ ୩ୟ ପର୍ଯ୍ୟାୟ : ତା ୧୪.୧୧.୨୦୧୮)ରିଖ ଅପରାହ୍ଣ ୫ଘଟିକା ପର୍ଯ୍ୟନ୍ତ, ଏ ସମ୍ବନ୍ଧରେ ସବିଶେଷ ବିବରଣୀ ଛୁଟିଦିନ ବ୍ୟତୀତ ଅନ୍ୟଦିନ ମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଏବଂ ଅନୁଗୋଳ ଜିଲ୍ଲା ୱେବସାଇଟ୍ www.angul.nic.inରେ ମିଳିପାରିବ ।

**ତହସିଲଦାର, କଣିହାଁ**

E-mail :- eerw_kuchinda@yahoo.com

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, KUCHINDA**

902-O **"e" Procurement Notice for Road Works**

**Identification No Online Tender / 02 / RWD, Kuchinda / 2018-19**

| | | | |
|---|---|---|---|
| 1. | Name of the work | : | Road works |
| 2. | Total Number of Works | : | 02 Nos |
| 3. | Estimated Cost | : | Rs. 44.42 Lakhs |
| 4. | Class of Contractor | : | B & A Class of Contractor |
| 5. | Period of Completion | : | 02 (Two Months) |
| 6. | Availability of Tender online For bidding | : | 25.10.2018 at 11.00 A.M. to 14.11.2018 upto 5.00 P.M. |
| 7. | Last date & time of seeking tender clarification | : | 13.11.2018 upto 5.00 P.M. |
| 8. | Date & time of opening of tender | : | 16.11.2018 (11.00 A.M.) |

**Further details can be seen from the website www.tendersodisha.gov.in**

25151/11/0002/1819

Executive Engineer,
Rural Works Division,
Kuchinda

FORM 1

47-N

**GOVERNMENT OF ODISHA**
**DEPARTMENT OF HIGHER EDUCATION**

**EXTENSION OF TIMELINE FOR ONLINE SUBMISSION OF "E-MEDHABRUTI" APPLICATIONS FOR THE YEAR 2018-19 (FRESH) IN RESPECT OF STUDENTS OF NON-SAMS INSTITUTIONS FOR ALL CATEGORIES OF MERIT.**

It is hereby informed to all eligible students of Non-SAMS institutions that submission of online applications (Fresh) for the year 2018-19 of all categories of merit is hereby extended as noted below. Accordingly, the online portal is enabled for submission of online applications within the extended datelines.

The User Manual, FAQs to be followed by students of Non-SAMS Institutions is available in the website www.medhabruti.org for reference.

EXTENDED DATE LINE FOR ONLINE SUBMISSION OF FRESH MEDHABRUTI APPLICATIONS

| Students of Institution Type | Activities | Scholarship Type | Extended Date line |
|---|---|---|---|
| Students of Non-SAMS institutions (CBSE/ICSE affiliated schools, KVs/ Institutions offering 3 years courses/Universities/PG colleges I Tech. & Prof. Colleges/ Medical Colleges and other such institutions) | Submission online applications by the concerned eligible students along with required documents | Jr. Merit / Sr .Merit / P.G. Merit / Technical & Professional Merit | **15.11.2018** |

All the eligible students are advised to submit their online applications within the above extended datelines positively. No further extension shall be made.

For more details please use Sanjog Helpline (Toll Free) No. 155335/ 18003456770/or e-mail on emedhabrutil819@gmail.com

11001/11/0038/1819

Sd/-
**Additional Secretary to Government**